# ଦୁର୍ଦ୍ଦିନରେ କଂସା କାରିଗରଙ୍କ ଜୀବନଜୀବିକା

**ବରଗଡ଼, ୯।୫(ସମିସ)**

ଲୋପ ପାଇବାକୁ ବସିଲାଣି କଂସାରୀମାନଙ୍କର ଶିଳ୍ପ। କଂସା, ପିତ୍ତଳର ଦରଦାମ ବୃଦ୍ଧି ସାଙ୍ଗକୁ ଫାଇବର ପ୍ଲାଷ୍ଟିକ ଓ ଷ୍ଟିଲର ଚାହିଦା ବୃଦ୍ଧି ହିଁ କଂସା କରିଗରଙ୍କ ପାଇଁ ହୋଇଛି ସମସ୍ୟାର କାରଣ। କଂସା କାରିଗରି କରି ଦିନେ ଭଲଭାବରେ ନିଜ ପରିବାରକୁ ପରିପୋଷଣ କରିପାରୁଥିବା ସେହି କଂସା କାରିଗର ଆଜି କିନ୍ତୁ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। କଂସା କାରିଗରମାନେ ନିଜର କୌଳିକ ବୃତ୍ତି ଛାଡି ଅନ୍ୟତ୍ର କାମ କରିବାକୁ ଯାଉଛନ୍ତି ତ ଆଉ କିଏ ଦିନମଜୁରିଆ ଭାବେ କାମକରି ଗୁଜୁରାଣ ମେଣ୍ଟାଉଛନ୍ତି। ସମୟ ଥିଲା କଂସାରି ଗ୍ରାମ କୁହାଯାଉଥିବା ବରଗଡ଼ ବ୍ଲକ କଣ୍ଟାପାଲି ଗ୍ରାମରେ ଦିନେ ପ୍ରଯ ୫୦ ପ୍ରତିଶତ ଲୋକ କଂସା କାରିଗରୀ କରୁଥିଲେ ଆଜି କିନ୍ତୁ ସେହି ଗ୍ରାମରେ ମାତ୍ର କିଛି ହାତଗଣତି କଂସା କାରିଗର ରହିଛନ୍ତି ବବରଗ? ଜିଲ୍ଲାର କଟାପାଲି ଗାଁରେ ରହନ୍ତି ଶତାଧିକ କଂସାରୀ ପରିବାର। ବର୍ତ୍ତମାନ ଅଳ୍ପ କିଛି ପରିବାର ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି ଏବଂ କଂସା କାରବାର ଜାରି ରଖିଛନ୍ତି। ଦିନଥିଲା ସକାଳ ହେଲେ କଟାପାଲି ଗାଁରେ





ଠୁକୁର ଠୁକୁର ଶବ୍ଦରେ କମ୍ପି ଉଠୁଥିଲା ହେଲେ ବର୍ତ୍ତମାନ କିନ୍ତୁ ଆଉ ସେସବୁ ନାହିଁ, ଲୋପ ପାଇ ବସିଲାଣି ସେହି କଂସାରୀମାନଙ୍କ କଂସା କାରିଗରୀ। ନାଁ ଆଗପରି ଗାଁ ସାରା ଚାରିଆଡେ ସୁଭୁଛି ସେହି କଂସା କାମର ଶବ୍ଦ ନାଁ ଆଗପରି ଆଉ ବିକ୍ରି ହେଉଛି କଂସା ବାସନର ସରଞ୍ଜାମ। କଂସା କାରିଗରମାନେ ପ୍ରତିଦିନ ଭୋରୁ ୩ରୁ ୪ ଟାରୁ ଉଠି କଂସାର, ପ୍ଲେଟ, ଥାଳି, ଘଟା, ବେଲା ଓ ପରାତ ସମେତ ଭଗବାନଙ୍କ ମୂର୍ତ୍ତି ଆଦି ତିଆରିରେ ଲାଗିପଡନ୍ତି। ମେସିନ ତିଆରି କଂସା, ବାସନ ଓ କଞ୍ଚାମାଲର ଦର ବୃଦ୍ଧି ଯୋଗୁଁ ଧିରେ ଧିରେ ହାତ ତିଆରି କଂସା ସାମଗ୍ରୀର ଚାହିଦା ହ୍ରାସ ପାଇବାରେ ଲାଗିଛି। ଫଳରେ ଅଧିକାଂଶ ପରିବାର ଏବେ ଆର୍ଥିକ ସଂକଟ ମଧ୍ୟରେ ଅତି ଦୟନୀୟ ଅବସ୍ଥାରେ ଚଳୁଛନ୍ତି। ହସ୍ତତନ୍ତ ସାମଗ୍ରୀ ଓ ବିଭିନ୍ନ ପ୍ରକାର ହାତ ତିଆରି ଜିନିଷ ଓ ହସ୍ତଶୀଳ୍ପର ବିକ୍ରି ଓ ପ୍ରଚାର ପ୍ରସାର ଲାଗି କେନ୍ଦ୍ର ସରକାର ଓ ରାଜ୍ୟସରକାର ଓରମାସ୍ ପରି କେତେକ ଜରିଆରେ ବିଶେଷ ଆଗ୍ରହ ରଖୁଥିବା ବେଳେ କଂସାରୁ ପ୍ରସ୍ତୁତ ସାମଗ୍ରୀ ବିକ୍ରି ଲାଗି କୌଣସି ଆଗ୍ରହ ପ୍ରକାଶ କରୁନଥିବା କଂସା କାରିଗରମାନେ ଚିନ୍ତାରେ ରହିଛନ୍ତି। କଂସା କରିଗରମାନଙ୍କ ପ୍ରତି ସରକାରସ୍ତରରେ ଅବହେଳା କରାଯାଉଛି। ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉ ନଥିବାରୁ କଂସା କାରିଗରଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି ବୋଲି କଂସା କାରିଗର ସୁବାସ ସାହୁ କୁହନ୍ତି। ତେବେ ସରକାରୀ ସହାୟତାକୁ ଚାତକ ଭଳି ଚାହିଁ ରହିଥିବା କଂସା କାରିଗରଙ୍କ ଦୁଃଖ ସରକାର କେବେ ଶୁଣିବେ ତାହା ସମୟ କହିବ।

# ବିପୁଳ ଗଞ୍ଜେଇ ସହ କାର୍ ଜବତ; ୩ ଗିରଫ



**ପଦ୍ମପୁର/ଝାରବନ୍ଧ, ୯।୫(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଜଗଦଲପୁର ଥାନା ପୁଲିସକୁ ବଡ଼ ସଫଳତା ମିଳିଛି। ଗତ ୪ଦିନ ତଳେ ନିକଟସ୍ଥ ଝାରବନ୍ଧ ଥାନା ଅଞ୍ଚଳରେ କୋଟି କୋଟି ଟଙ୍କାର ଗଞ୍ଜେଇ ଜବତ ହୋଇଥିବା ବେଳେ ଆଜି ନିକଟସ୍ଥ ଜଗଦଲପୁର ପୁଲିସ ଛତିଶଗଡ଼ ଚାଲାଣ ହେଉଥିବା ପ୍ରାୟ ୧୧ କିଲୋ ୨୫୦ଗ୍ରାମ ଗଞ୍ଜେଇ ଜବତ କରିବା ସହ କାରବାରରେ ସମ୍ପୃକ୍ତ ଜଣେ ଯୁବକ ଓ ୨ଜଣ ଯୁବତୀଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, କୌଣସି ସୂତ୍ରରୁ ଖବର ପାଇ ଶନିବାର ଜଗଦଲପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ଦିଗାଲଙ୍କ ନେତୃତ୍ୱରେ ପୁଲିସ ଟିମ୍ ଜଗଦଲପୁର ସାପ୍ତାହିକ ବଜାର ନିକଟରେ କାର୍ ନଂ ସିଜି ୦୭ବିବି-୦୮୫୨କୁ ଅଟକାଇ ଯାଞ୍ଚ କରିଥିଲେ।ଯାଞ୍ଚ ବେଳେ ଗାଡିରୁ ବେଆଇନ ଭାବେ ଚାଲାଣ ହେଉଥିବା ଗଞ୍ଜେଇ ଧରାପଡ଼ିଥିଲା। ଗିରଫ ତିନି ଅଭିଯୁକ୍ତ ଛତିଶଗଡ଼ରାଜ୍ୟ ବଲୋଦା ବଜାରର ଶିବ କୁମାର ଯାଦବ ଓ ତାର ଦୁଇ ସ୍ତ୍ରୀ ମନୀଷା ଯାଦବ ଓ ଯୋଗେଶ୍ୱରୀ ଯାଦବ। ସେମାନଙ୍କ ଠାରୁ ଗୋଟିଏ ମୋବାଇଲ ଫୋନ ଓ ବ୍ୟବହାର ହୋଇଥିବା କାର୍ ଜବତ କରାଯାଇଛି। ଜଗଦଲପୁର ଥାନା କେସ୍ ନମ୍ବର ୭୬/୨୦୨୬ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପଦ୍ମପୁର ଥାନାର ଏସଆଇ ଅନ୍ତର୍ଯ୍ୟାମୀ ବେହେରା ଏଘଟଣାର ତଦନ୍ତ କରୁଛନ୍ତି। ଅଭିଯୁକ୍ତମାନେ ଗଞ୍ଜେଇ ଛତିଶଗଡ଼ର ସରାଇପାଲିକୁ ଚାଲାଣ କରୁଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଇଣ୍ଡିଆ ବୁକ୍ଅଫ୍ ରେକର୍ଡସ୍‌ରେ କୁନି ପ୍ରତିଭା କନିଷ୍କ

**ବରଗଡ଼, ୯। ୫(ସମିସ):** ବରଗଡ଼ ବ୍ଲକ ଖେଦାପାଲିଗ୍ରାମର ମାତ୍ର ୨ବର୍ଷ ୫ ମାସର କୁନି ପ୍ରତିଭା କନିଷ୍କ ପଧାନ ନିଜର ଅସାଧାରଣ ସ୍ମୃତିଶକ୍ତି ଓ ଶିକ୍ଷଣ କ୍ଷମତା ପାଇଁ ଇଣ୍ଡିଆ ବୁକ୍ଅଫ୍ ରେକର୍ଡସ୍ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ସେ କିଶୋର ପଧାନ ଓ ପୂର୍ଣ୍ଣିମା ପଧାନଙ୍କ ପୁତ୍ର। ଇଣ୍ଡିଆ ବୁକ୍ଅଫ୍ ରେକର୍ଡସ୍ ପକ୍ଷରୁ ଜାରି ସର୍ଟିଫିକେଟ୍ ଅନୁଯାୟୀ, ୨୨ ଅକ୍ଟୋବର ୨୦୨୩ରେ ଜନ୍ମିତ କନିଷ୍କ ଅତ୍ୟନ୍ତ କମ୍ ବୟସରେ ୩୪ଟି ପଶୁ, ୧୮ଜଣ କମ୍ୟୁନିଟି ହେଲ୍ପର, ୯ଟି ଯାନବାହନ, ୮ଟି ଫଳ, ୮ଟି ଆକାର, ୬ଟି ଫୁଲ, ୫ଟି ପନିପରିବା, ୧୦ଟି ଖାଦ୍ୟ ପଦାର୍ଥ, ୫ଟି ଦେଶର ପତାକା, ୯ଜଣ ଦେବଦେବୀ ଓ ଶରୀରର ୨୦ଟି ଅଂଶ ସହଜରେ ଚିହ୍ନଟ କରିପାରିଥିଲେ।ଏହାସହ ୫ଟି ଶ୍ଳୋକ, ଓଡ଼ିଶାର ୩୦ଟି ଜିଲ୍ଲା, ୩ଟି ଇଂରାଜୀ ନର୍ସରୀ ରାଇମ୍ସ, ୮ଟି ଗ୍ରହର ନାମ, ୨୬ଟି ଅକ୍ଷରାନୁକ୍ରମିକ ଶବ୍ଦ, ୮ଟି ଇଂରାଜୀ ବିପରୀତ ଶବ୍ଦ, ୧୧ଟି ପଶୁର ଧ୍ୱନି, ୫୬ଟି ସାଧାରଣ ଜ୍ଞାନ ପ୍ରଶ୍ନରଉତ୍ତର ଓ୧ରୁ ୨୦ପର୍ଯ୍ୟନ୍ତ ଗଣନା କରି ନିଜର ବିରଳ ପ୍ରତିଭାର ପରିଚୟ ଦେଇଛନ୍ତି। ମାତ୍ର ୨ ବର୍ଷ ୫ ମାସ ବୟସରେ ଏହି ଅସାଧାରଣ ସଫଳତା ପାଇଁ ୨୪ ମାର୍ଚ୍ଚ ୨୦୨୬ରେ ତାଙ୍କୁ ଅଧିକୃତ ଭାବେ ସ୍ୱୀକୃତି ଦିଆଯାଇଥିଲା।




# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟଜୟନ୍ତୀ ଉଦ୍‌ଘାଟିତ

**ପାଇକମାଳ, ୯।୫(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବର ଆରମ୍ଭ ସକାଳ ୭ଟାରେ ଶିକ୍ଷାଜ୍ୟୋତି ଗାଁ ପରିକ୍ରମା ମାଧ୍ୟମରେ ହୋଇଥିଲା। ପରେ ଶିକ୍ଷାକେନ୍ଦ୍ର ପରିସରରେ ମାତୃ ପତାକା ଉତ୍ତୋଳନ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ସଭାପତି ଗୋକୁଳାନନ୍ଦ ଡନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ପଦ୍ମପୁର ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାକେନ୍ଦ୍ରର ୨୫ ବର୍ଷର ସଫଳ ଯାତ୍ରାକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ପାଇକମାଳ ବ୍ଲକ ପାଠଚକ୍ର ଆବାହିକା ମମତା ଦାଶ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାକେନ୍ଦ୍ରର ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ, ଅଧ୍ୟକ୍ଷ ଗଙ୍ଗାଧର ରଣା, ମାଣ୍ଡୋସିଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡା, ମାଣ୍ଡୋସିଲ ପିଏମ୍‌ଶ୍ରୀ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମୀନତି ଟେଟେ ଓ ପଦ୍ମପୁର ବ୍ଲକ ପାଠଚକ୍ର ଆବାହିକା ଆହ୍ଲାଦିନୀ ବଡ଼େଇ ଉପସ୍ଥିତ ଥିଲେ। ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅପରାହ୍ନ ୪ଟାରେ ପାଠଚକ୍ରର ପ୍ରତିଷ୍ଠାତା ସଦସ୍ୟମାନଙ୍କୁ ପୂଜ୍ୟପୂଜା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସାନ୍ଧ୍ୟ ଅଧିବେଶନ ମଧ୍ୟ ଅତ୍ୟନ୍ତ ଆକର୍ଷଣୀୟ ରହିଥିଲା। ସଭାପତି ଗୋକୁଳାନନ୍ଦ ଡନସନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା



ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଏପରି ଶିକ୍ଷାନୁଷ୍ଠାନ ସମାଜ ଗଠନରେ ମହତ୍ୱପୂର୍ଣ୍ଣ ଭୂମିକା ନେଉଥିବା କହିଥିଲେ।ମୁଖ୍ୟବକ୍ତା ଭାବେ ଦର୍ଲିମୁଣ୍ଡା ହାଇସ୍କୁଲର ଶିକ୍ଷକ ରାଧେଶ୍ୟାମ ସା ଯୋଗଦେଇ ଶିକ୍ଷା ସହ ସଂସ୍କାର ଓ ସୃଜନଶୀଳତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷାକେନ୍ଦ୍ରର ସ୍ମରଣିକା 'ମାତୃଜ୍ୟୋତି'କୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଅନିରୁଦ୍ଧ ପଣ୍ଡା ସଭା ପରିଚାଳନା କରିଥିଲେ। ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନକୁ ଆକର୍ଷିତ କରିଥିଲା। ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନେ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ତପନ ବହିଦାର, ହରିପ୍ରିୟା ସାହୁ, ଭିଏସନନ୍ଦ ବରିହା, ମଳୟ କୁମାର ହଂସ, ତପସ୍ୱିନୀ ଭୋଇ, ଟିକେଶ୍ୱରୀ ବିଶ୍ୱାଳ, କରୁଣା ପ୍ରଧାନ, ଜଗନ୍ନାଥ ରଣା, ବବିତା ପ୍ରଧାନ, ଶିବମ ଡନସନା, ରୂପାଲି ସାହୁ, ଉତ୍ତମ ରଣା, ଅଭିଷେକ ସାହୁ, ସୌମ୍ୟରଞ୍ଜନ ମହାନ୍ତି, ଧବଳେଶ୍ୱର ହଂସ, ସୌରଭ ଡନସନା, କୋଶଳ ଡନସନା, ସୀତାକାନ୍ତ ରଣା, ସମ୍ଭବ ପୁଟା, ପ୍ରଶାନ୍ତ ସରିଆଁ, ରାଜୀବ ମାଝୀ, ବସନ୍ତ ସରିଆଁ ଓ ପ୍ରେମ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଅନାବନା ଗଛଲତାରେ ଭର୍ତ୍ତି ବନ୍ଦେଶ୍ୱରୀ ମୁଖ୍ୟ କେନାଲ

**ପଦ୍ମପୁର, ୯।୫(ସମିସ):** ପଦ୍ମପୁର ଉପଖଣ୍ଡ ଦହିତା ଠାରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବନ୍ଦେଶ୍ୱରୀ ମୁଖ୍ୟ କେନାଲ ଦହିତା ଶାନ୍ତିପୁର ପର୍ଯ୍ୟନ୍ତ ବର୍ଜ୍ୟବସ୍ତୁ, ଗଛ ଲଟାବୁଦାରେ ଭର୍ତ୍ତି ହୋଇ କେନାଲ ପୋତି ହୋଇ ବସିଲାଣି।ମୁଖ୍ୟ କେନାଲ ଯଦି ପୋତି ହୋଇଯିବ ତାହେଲେ ଖରିଫ ଋତୁରେ ତଳମୁଣ୍ଡକୁ ପାଣି ପ୍ରବାହିତ ହୋଇ ପାରିବନି ବୋଲି ଦହିତା ସମଲେଶ୍ୱରୀ ପାଣିପଞ୍ଚାୟତ ସଭାପତି କୀର୍ତ୍ତି ଚନ୍ଦ୍ର ପାଣ୍ଡେ ଅଭିଯୋଗ କରିଛନ୍ତି। ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗ ମୌସୁମୀ ବର୍ଷା ଆଗମନ ପୂର୍ବରୁ ମୁଖ୍ୟ କେନାଲ ସହିତ ବିଭିନ୍ନ ଶାଖା କେନାଲକୁ ସଫେଇ କରିବା ପାଇଁ ଦାବି କରିଛନ୍ତି।

# ସଙ୍ଗୀତା ମିଶ୍ରଙ୍କୁ ଓଡ଼ିଶା ଗୌରବ ସମ୍ମାନ

**ବରଗଡ଼, ୯।୫ (ସମିସ):** ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ବୈଶାଖୀ ଉତ୍ସବ ଓ ଜାତୀୟସ୍ତରୀୟ ନୃତ୍ୟ ମହୋତ୍ସବ - ୨୦୨୬ ପାଳନ କରାଯାଇଥିଲା।ମହୋତ୍ସବରେ ବରଗଡ଼ ଜିଲ୍ଲା ଝିଅ ଡ. ସଙ୍ଗୀତା ମିଶ୍ରଙ୍କୁ ଓଡ଼ିଶା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଡ. ମିଶ୍ର ଜଣେ ସୁଲେଖିକା, ପ୍ରବନ୍ଧିକା, କବିୟିତ୍ରୀ ହେବା ସହିତ ଜଣେ ସୁପରିଚିତ ସମାଜସେବୀ ମଧ୍ୟ। ତାଙ୍କ ଜୀବନର ମୂଳ ଲକ୍ଷ୍ୟ ହେଉଛି ସମାଜସେବା। ସେ ସମାଜସେବାରେ ବ୍ରତୀ ରହି ଅନେକ ଗୁଡିଏ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ପାଇଛନ୍ତି ଓ ବରଗଡ଼ ମାଟି ପାଇଁ ଗୌରବ ଆଣିଛନ୍ତି।

# ଶିକ୍ଷା ବିଭାଗ କେଳେଙ୍କାରୀର ନିରପେକ୍ଷ ତଦନ୍ତ ଦାବି

**ବରଗଡ଼, ୯। ୫(ସମିସ):** ଓଡ଼ିଶା ଅଭିଭାବକ ବରଗଡ଼ ଜିଲ୍ଲାର ଏକ ପ୍ରତିନିଧି ଦଳ ଜିଲ୍ଲା ସଭାପତି ବିମଳ କୁମାର ଦାଶଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ଭେଟି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ରେ ଚାଲିଥିବା ଦୁର୍ନୀତି, ଅନୈତିକ କାର୍ଯ୍ୟକଳାପକୁ ବିରୋଧ କରି ନିରପେକ୍ଷ ତଦନ୍ତ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ତାଙ୍କ ଦାବିପତ୍ରରେ ବରଗଡ଼ର ଜଣେ ଶିକ୍ଷୟିତ୍ରୀଙ୍କ ଉପରେ ଘଟିଥିବା ମାନସିକ ନିର୍ଯାତନା, ଶିକ୍ଷକ ବଦଳିରେ ଲାଞ୍ଚ, ସ୍କୁଲ ସାମଗ୍ରୀ କିଣାରେ ଦୁର୍ନୀତି, ମଧ୍ୟାହ୍ନଭୋଜନ ଯୋଗାଣରେ ଦୁର୍ନୀତି, ଜାଲ ଶିକ୍ଷକ ନିଯୁକ୍ତିରେ ଲାଞ୍ଚ କରିବାର ଆଦି ବିଭିନ୍ନ ମାମଲାର ବିଚାର ବିଭାଗୀୟ ତଦନ୍ତ କରି ଦୋଷୀ ବିରୁଦ୍ଧ ରେ କଠୋର କାର୍ଯ୍ୟାନୁଷ୍ଠାନ କରିବା ସହିତ ସ୍ଥାୟୀ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ତୁରନ୍ତ ନିଯୁକ୍ତି ପାଇଁ ଦାବି କରିଥିଲେ। ଓଡ଼ିଶା ଅଭିଭାବକ ମହାସଂଘର ସଦାନନ୍ଦ ମହାପାତ୍ର, ବାସୁଦେବ ଦାଶ, ବାଲ୍ମିକୀ ଷଡ଼ଙ୍ଗୀ, କାଳୀଚରଣ ବୋଷ, ରଞ୍ଜିତ ଯାଦବ, ଜଟାଧାରୀ ପ୍ରଧାନ, ଖିତେଶ୍ୱର୍ କୁମ୍ଭାର, ଖିରୋଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତି ଥିଲେ।

# ଭାରତର ଅଦ୍ୱିତୀୟ ଯୋଦ୍ଧା ଥିଲେ ରାଣାପ୍ରତାପ




**ବରଗଡ଼, ୯।୫ (ସମିସ):** ବରଗଡ଼ ରାଣାପ୍ରତାପ ସ୍କୁଲରେ ଭାରତର ଅଦ୍ୱିତୀୟ ବୀର ଓ ଯୋଦ୍ଧା ମହାରାଣା ପ୍ରତାପଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫୁଲ୍ଲ କୁମାର ପଣ୍ଡା ଯୋଗ ଦେଇ ମହାରାଣା ପ୍ରତାପଙ୍କ ବୀରତ୍ୱର ଗାଥା ବଖାଣି ଥିଲେ।ସମ୍ମାନିତ ଅତିଥି ଭାବେ ନିଗମାନନ୍ଦ ବିହାର ସଙ୍କୀର୍ତ୍ତନ ପରିଷଦର ଅଧ୍ୟକ୍ଷ ବାଙ୍କାବିହାରୀ ସାହୁ, ବରିଷ୍ଠ ନାଗରିକ ସଂଘର ସଦସ୍ୟ ପ୍ରଦୀପ ସାହୁ ସନ୍ତୋଷ ପଣ୍ଡା ପ୍ରମୁଖ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର କପିଳେଶ୍ୱର ବାଗ ଯୋଗ ଦେଇ ୧୫୪୦ ମେ' ୯ ତାରିଖ ରାଜସ୍ଥାନ ମେୱାଡର ରାଜ୍ ବଂଶ ରେ ଜନ୍ମ ଗ୍ରହଣ କରି ଭାରତ ବର୍ଷରେ ଜଣେ ଅଦ୍ୱିତୀୟ ଯୋଦ୍ଧା ଭାବେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥିଲେ। ତାଙ୍କ ନାମରେ ନାମିତ ବରଗଡ଼ର ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ବୋଲି ମତ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଭାରତୀ ଶିଶୁ ସାହିତ୍ୟ ସଂସଦର ସମ୍ପାଦିକା ଛାତ୍ରୀ ସାଳିନି ସା, ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ଜ୍ୟୋତି ବେହେରା, ନନ୍ଦିତା ସାହୁ ଭକ୍ତ ବାରିକ ପ୍ରମୁଖ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂସ୍କୃତ ପଣ୍ଡିତ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିବା ବେଳେ ପ୍ରଧାନଶିକ୍ଷକ ଶ୍ରୀ ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଭେଡେନ ମଧ୍ୟପଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପ୍ରମେୟ ଇଲେଭେନ ଓ ଦେଶୀ ବ୍ଲାଷ୍ଟର ବିଜୟୀ

**ଭେଡେନ, ୯।୫(ସମିସ):** ଭେଡେନ ବଜାର ପ୍ରାଙ୍ଗଣସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ମଧ୍ୟପଡ଼ା କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଅନୁଷ୍ଠିତ ମ୍ୟାଚ୍ ପ୍ରମେୟ ଇଲେଭେନ ଓ ହାର୍ଟ ଇଲେଭେନ ମଧ୍ୟରେ ହୋଇଥିଲା। ପ୍ରଥମେ ଟସଜିତି ହାର୍ଟ ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରେ ସମସ୍ତ ଉଇକେଟ ହରାଇ ୧୨୬ରନ ସଂଗ୍ରହ କରିଥିଲା। ଜବାବରେ ପ୍ରମେୟ ଇଲେଭେନ ବ୍ୟଟିଂ କରି ୮.୫ ଓଭରରେ ୫ ଉଇକେଟ ହରାଇ ୧୨୯ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତିଥି ଭାବରେ ସୁନିଲ ଅଦାବର ଯୋଗଦାନ କରି ପ୍ରମେୟ ଇଲେଭେନର ମହେନ୍ଦ୍ର ରଣାଙ୍କୁ ମ୍ୟାନ ଅପ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ଏସଜି ୱାରୀୟର ଓ ଦେଶୀ ବ୍ଲାଷ୍ଟର ମଧ୍ୟରେ ହୋଇଥିଲା। ପ୍ରଥମେ ଏସଜି ୱାରୀୟର ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରେ ସମସ୍ତ ଉଇକେଟ ହରାଇ ୪୦ରନ ସଂଗ୍ରହ କରିଥିଲା। ଜବାବରେ ଦେଶୀ ବ୍ଲାଷ୍ଟର ୨.୩ଓଭରେ ୪୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅନୁଷ୍ଠିତ ମ୍ୟାଚ୍‌ରେ ଅତିଥିଭାବରେ ଯତୀନ ସାହୁ ଯୋଗଦାନ କରି ଦେଶୀ ବ୍ଲାଷ୍ଟରର ଆଦର୍ଶ ପଧାନଙ୍କୁ ମ୍ୟାନ ଅପ ଦ ମ୍ୟାଚ୍ ପ୍ରଦାନ ପୁରସ୍କାର କରିଥିଲେ। ଅନୁଷ୍ଠିତ ମ୍ୟାଚ୍‌କୁ ଗୋବିନ୍ଦ ମେହେର ଓ ପ୍ରୀତମ ନାଏକ ପଚାଳନା କରିଥିବା ବେଳେ ସ୍କୋରର ଭାବରେ ଆୟୁଷ ମେହେର ଓ ଓମ ଲହରିଆ ଦାଇତ୍ୱ ନିର୍ବାହ କରିଥିଲେ। ମଧ୍ୟପଡ଼ାର ସଚିଦାନନ୍ଦ ସାହୁ, ଗଣେଶ ମହାଲିଙ୍ଗ, ଜିତୁ ବାଗ, ସଞ୍ଜୟ ଲହରିଆ, ସିବିଲ ପଧାନ, ଧର୍ମେଶ ମେହେର, ପିକୁନ ସେଟ, ରୋହନ ଥପାଙ୍କ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



୧୩ଦିନିଆ ରକ୍ତଦାନ ଶିବିର

# ନବମ ଦିନରେ ୫୪ ୟୁନିଟ୍ ସଂଗ୍ରହ



**ବରଗଡ଼, ୯। ୫(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସମସ୍ତ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ କିଛି କାଂଶ ରେ ଦୂର କରିବା ପାଇଁ ରବି ଶଙ୍କରଜିଙ୍କ ଜନ୍ମଦିନ ଅବସରରେ ନିଷ୍ଠା ପରିବାର ଓ ଆର୍ଟ ଅଫ ଲିଭିଂ ପରିବାର ର ମିଳିତ ଆନୁକୂଲ୍ୟରେ ୧୩ ଦିନିଆ ରକ୍ତଦାନ ଶିବିରର ନବମ ଦିନରେ ବରଗଡ଼ ଜିଲ୍ଲା ଅତାବିରା ସରକାରୀ ଡାକ୍ତରଖାନାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ବରେଣ୍ୟ ଅତିଥି ଭାବରେ ଡାକ୍ତର ରବି ନାରାୟଣ ମିଶ୍ର, ଅତାବିରା ୱାର୍ଡ ନମ୍ବର ୧ର କାଉନସିଲର ଦୀପକ ରାୟ, ଆର୍ଟ ଅଫ ଲିଭିଂ ଶିକ୍ଷକ ଗୁଲସନ ଦାଶ, ମନୋରଞ୍ଜନ ମିଶ୍ର, ସଞ୍ଜୟ ଅଗ୍ରୱାଲ, ମାନସ ସାହୁ, ଲଳିତ ବାଙ୍କା, ସୁଶୀଲ ବାଗ, ଲୋକନାଥ ସାହୁ ଯୋଗ ଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଶିବିରରୁ ବୁର୍ଲା ରକ୍ତ ଭଣ୍ଡାର ପକ୍ଷରୁ ୫୪ୟୁନିଟଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ନିଷ୍ଠା ପରିବାର ଓ ଆର୍ଟ ଅଫ ଲିଭିଂର ସଦସ୍ୟ ସଦସ୍ୟାମାନେ ସୁପରିଚାଳନା କରିଥିଲେ।

# ବରଗଡ଼ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ବରଗଡ଼, ୯।୫(ସମିସ)**

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ କୁମାର ଚନ୍ଦନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍‌ବାଉନ୍ସ ମାମଲା, ଲୋକ ସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ, ପାରିବାରିକ ବିବାଦ, ଚାକିର ସମ୍ବନ୍ଧୀୟ (ପେନସନ), ରାଜସ୍ୱ ମାମଲା, ମୋଟରଯାନ ଅଧିନିୟମ ମାମଲା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ଆପୋସ ସମାଧାନ କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ୪, ୩୮୦ଟି ପ୍ରାକ୍ ମାମଲାର ବିଚାର ପାଇଁ ବିଭିନ୍ନ ବ୍ୟାଙ୍କ କାର୍ଯ୍ୟାଳୟରୁ, ୯୬୭ଟି ବିଚାରଧିନ ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତରୁ ଏବଂ ୮, ୫୩୧ଟି ବିଚାରଧିନ ମାମଲାର ବିଚାର ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା। ଉକ୍ତ ମାମଲା ମଧ୍ୟରୁ ୧୬୦ଟି ପ୍ରାକ୍ ମାମଲା, ୧୧୮ଟି ବିଚାର ବିଭାଗୀୟ ବିଚାରଧିନ ମାମଲା ଏବଂ ୭, ୪୩୯ଟି ଜିଲ୍ଲାପାଳଙ୍କ ରାଜସ ବିଚାରଧିନ ମୋକଦ୍ଦମା ମାମଲାର ବିଚାର ହୋଇ ପ୍ରାକ୍ ମାମଲା ବାବଦକୁ ୧୭, ୫୭, ୩୩୮ଟଙ୍କା ଏବଂ ବିଚାର ବିଭାଗୀୟ ବିଚାରଧିନ ମାମଲା ବାବଦକୁ ୧, ୧୧, ୪୫, ୫୮୪ ଟଙ୍କା ଆଦାୟ ହୋଇଥିଲା। ଉକ୍ତ ଲୋକ ଅଦାଲତକୁ ବରଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଅନୁପ କୁମାର ଚନ୍ଦନ ଏବଂ ସଚିବ ବିଭୂତି ଭୁଷଣ ନାୟକଙ୍କ ପରିଚାଳନା ରେ ଅନୁଷ୍ଠିତ ହୋଇଥିଲା। ପାରିବାରିକ ଅଦାଲତର ବିଚାରପତି ମାନସ ରଞ୍ଜନ ରଥ, ଅତିରିକ୍ତ ଜିଲ୍ଲା ବିଚାରପତି ପ୍ରିୟ ରଞ୍ଜନ ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୁନମ ଜେନା, ରେଜିଷ୍ଟ୍ରାର(ସିଭିଲ୍ କୋର୍ଟ) ଦିଗ୍ ବିଜୟ ଦାସ, ବରିଷ୍ଠ ଦେବାନୀ ବିଚାରପତି ସୁଚରିତା ମହାନ୍ତି, ବରିଷ୍ଠ ଦେବାନୀ ବିଚାରପତି (ମହିଳା




ଅଦାଲତ) ପ୍ରଜ୍ଞା ପୂଜାପ୍ରଦା, ଉପଖଣ୍ଡିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଷ୍ଟି ସାମନ୍ତ, ଦେବାନୀ ବିଚାରପତି ସଂଗ୍ରାମ କୁମାର ମିଶ୍ର ଏବଂ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଅମ୍ଲାନ ରଥ ବିଭିନ୍ନ ଅଦାଲତଗୁଡିକୁ ପରିଚାଳନା କରିଥିଲେ। ଜିଲ୍ଲା ଓ ଦୌରାଜଜ୍ ଅଦାଲତରେ ବରିଷ୍ଠ ଆଇନ୍‌ଜୀବୀ ସୁଧିର ପୁରୋହିତ ଓ ନିଧୁବନ ବିହାରି ପ୍ରସାଦ ପଣ୍ଡା, ପାରିବାରିକ ଅଦାଲତରେ ବରିଷ୍ଠ ଆଇନ୍‌ଜୀବୀ ଯୁଗଳ ପ୍ରସାଦ ସିଂ, ଅତିରିକ୍ତ ଜିଲ୍ଲା ଅଦାଲତରେ ବରିଷ୍ଠ ଆଇନ୍‌ଜୀବୀ ଶିରିଶ ବଲ୍ଲଭ ମିଶ୍ର, ବରିଷ୍ଠ ଦେବାନୀ ଅଦାଲତରେ ବରିଷ୍ଠ ଆଇନ୍‌ଜୀବୀ ଚିତ ରଞ୍ଜନ ପଣ୍ଡା, ବରିଷ୍ଠ ଦେବାନୀ ବିଚାରପତି (ମହିଳା ଅଦାଲତ)ରେ ଆଇନ୍‌ଜୀବୀ ମହେନ୍ଦ୍ର ସାହୁ, ଉପଖଣ୍ଡିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଆଇନ୍‌ଜୀବୀ ମାନଭଞ୍ଜନ ତ୍ରିପାଠୀ, ଦେବାନୀ ଅଦାଲତରେ ଆଇନ୍‌ଜୀବୀ ଦେବାଶିସ ମିଶ୍ର, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଅଦାଲତରେ ଆଇନ୍‌ଜୀବୀ କିରଣ କୁମାର ମିଶ୍ର ଅଦାଲତ ଗୁଡିକୁ ପରିଚାଳନା କରିବାରେ ପ୍ରମୁଖ ସହଯୋଗ କରିଥିଲେ। ପ୍ରାଧିକରଣ ଅନ୍ତର୍ଭୁକ୍ତ ଆଇନ୍‌ଜୀବୀ, ଜିଲ୍ଲା ଓକିଲ ସଂଘର ବରିଷ୍ଠ ଆଇନ୍‌ଜୀବୀ ଓ ଯୁବ ଆଇନ୍‌ଜୀବୀ, ପୁଲିସ ଅଧିକାରୀମାନେ, ଆଇନସେବା ପ୍ରାଧିକରଣ ଓ ସିଭିଲ କୋର୍ଟର କର୍ମଚାରୀମାନେ ଉପରୋକ୍ତ ଲୋକ ଅଦାଲତ ପରିଚାଳନାରେ ପ୍ରମୁଖ ସହଯୋଗ କରିଥିଲେ।

